YEARS OF PUBLICATION
Daily Edition: R.N.I. No. 4005/57
P.R. No. CK(C)/17/2024-2026
ଭୁବନେଶ୍ୱର, ଗୁରୁବାର ୭ ମାର୍ଚ୍ଚ ୨୦୨୪
Bhubaneswar, Thursday 7 March 2024
www.thesamaja.com
www.samajaepaper.com
www.samajalive.in
(୨୦ ପୃଷ୍ଠା)

ସମାଜ
The Samaja
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ
PRINTED AT CUTTACK, SAMBALPUR, BALESWAR, JEYPORE

# ୧୧ରୁ ଦିଲ୍ଲୀରେ ବଡ଼ ସାହିତ୍ୟ ମହୋତ୍ସବ

ନୂଆଦିଲ୍ଲୀ, ୬।୩ (ନି.ପ୍ର.): ଆସନ୍ତା ମାର୍ଚ୍ଚ ୧୧ରୁ ୧୬ ପର୍ଯ୍ୟନ୍ତ ଦିଲ୍ଲୀର ରବୀନ୍ଦ୍ର ମଣ୍ଡପ ଠାରେ ସାହିତ୍ୟ ଅକାଦେମୀ ଦ୍ୱାରା ବିଶ୍ୱର ସବୁଠାରୁ ବଡ଼ ସାହିତ୍ୟ ମହୋତ୍ସବ ଆୟୋଜନ ହେବ। ସାହିତ୍ୟ ଅକାଦେମୀ ସଚିବ ଡ଼ କେ ଶ୍ରୀନିବାସ ରାଓଙ୍କ ସୂଚନା ଅନୁଯାୟୀ ମହୋତ୍ସବରେ ପ୍ରସ୍ତାବିତ ସମୁଦାୟ ୧୯୦ଟି ଅଧିବେଶନରେ ୧୭୫ଟି ଭାଷାରୁ ୧୧ଶହ ପ୍ରଖ୍ୟାତ ସାହିତ୍ୟିକ ସାମିଲ ହେବା କାର୍ଯ୍ୟକ୍ରମ ରହିଛି। ମହୋତ୍ସବର ଅଧିବେଶନଗୁଡ଼ିକ ନଅଟି ହଲରେ ଏକ ସମୟରେ ଅନୁଷ୍ଠିତ ହେବ। ମହୋତ୍ସବର ଦ୍ୱିତୀୟ ଦିନ ମାର୍ଚ୍ଚ ୧୨ରେ ସ୍ଥାନୀୟ କମାନି ଅଡ଼ିଟୋରିୟମରେ ୨୦୨୩ ବର୍ଷ ପାଇଁ ଘୋଷିତ ସାହିତ୍ୟ ଅକାଦେମୀ ପୁରସ୍କାର ପ୍ରଦାନ କରାଯିବ। ଏଥିରେ ବିଶିଷ୍ଟ ସାହିତ୍ୟିକା ପ୍ରତିଭା ରାୟ ମୁଖ୍ୟ ଅତିଥି ଭାବେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ମାର୍ଚ୍ଚ ୧୩ରେ ମେଘଦୂତ ମୁକ୍ତାକାଶ ରଙ୍ଗମଞ୍ଚଠାରେ ବିଶିଷ୍ଟ ଉର୍ଦ୍ଦୁ ଲେଖକ ଗୁଲଜାର 'ସମ୍ବାସର ଅଭିଭାଷଣ' ପ୍ରଦାନ କରିବେ। ମହୋତ୍ସବ ଅଧିବେଶନଗୁଡ଼ିକରେ ବହୁଭାଷୀ କବିତା ଏବଂ କ୍ଷୁଦ୍ରଗଳ୍ପ ପାଠ, ଯୁବ ସାହିତ୍ୟ, ଭାରତୀୟ ଭକ୍ତିସାହିତ୍ୟ, ଶିଶୁ ସାହିତ୍ୟ, ମାତୃଭାଷାର ମହତ୍ତ୍ୱ, ଆଦିବାସୀ କବି ଓ ଲେଖକ ସମ୍ମିଳନୀ, ଭବିଷ୍ୟତ ପାଇଁ ପ୍ରବନ୍ଧ, ସାଂସ୍କୃତିକ ପରିପ୍ରକାଶ ପାଇଁ ରଙ୍ଗମଞ୍ଚ ବିଷୟରେ ଆଲୋଚନା ହେବ। ଏଥିସହ ଭିନ୍ନକ୍ଷମ ଲେଖକ ସମ୍ମିଳନୀ ଏବଂ ସମଲିଙ୍ଗୀ ସାହିତ୍ୟିକଙ୍କ ସମ୍ମିଳନୀ ଆୟୋଜନ ପ୍ରସ୍ତାବ ରହିଛି। କାର୍ଯ୍ୟକ୍ରମରେ ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ, କେରଳ ରାଜ୍ୟପାଳ ଆରିଫ ମହମ୍ମଦ ଖାନ୍ ଏବଂ ପଶ୍ଚିମବଙ୍ଗ ରାଜ୍ୟପାଳ ସି ଭି ଆନନ୍ଦବୋଷ ଯୋଗଦେବା ଲାଗି ସମ୍ମତି ପ୍ରକାଶ କରିଛନ୍ତି। ମହୋତ୍ସବରେ ହେ, ଟୁଡୁ ଭଳି ଆଦିବାସୀ ଭାଷାର ସାହିତ୍ୟିକଙ୍କୁ ମଧ୍ୟ ଆମନ୍ତ୍ରଣ କରାଯାଇଛି ବୋଲି ଶ୍ରୀ ରାଓ କହିଛନ୍ତି।